K.R.B NEW B.G. RAIL LINK PROJECT ZONE OFFICE L.A. BOUDH
04 FEB 2020

Dy No. 66
4/02/2020

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

### ଘୋଷଣା

**No RDM-LAB-BOUDH-0026-2018** 4245 **/R&DM, Dated** 24 JAN 2020

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧ ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ସୁର୍ଖାଗଣ୍ଡା**, ଥାନା-ପୁରୁଣାକଟକ, ନଂ-୮୭, ତହସିଲ-ହରଭଙ୍ଗା , ଜିଲ୍ଲା- ବୌଦ୍ଧ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା-୨୭୬୧୫, ତା. ୨୬/୦୭/୨୦୧୮ରିଖ ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା-୪୨୦୩୮, ତା ୩୧/୧୨/୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତା **୩୧.୦୩.୨୦୨୦** ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ସୁର୍ଖାଗଣ୍ଡା**, ଥାନା- ପୁରୁଣାକଟକ, ନଂ-୮୭, ଜିଲ୍ଲା- ବୌଦ୍ଧ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

କ୍ରମଶଃ.............

| ଜମି ର ତାଲିକା | | | | | | |
|---|---|---|---|---|---|---|
| ଖୋର୍ଦ୍ଧା ରୋଡ - ବଲାଙ୍ଗୀର ନୂତନ ଓସାରିଆ ରେଳ ପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ | | | | | | |
| ଗ୍ରାମ: ସ୍ବର୍ଣ୍ଣାଗଣ୍ଡା, ତହସିଲ : ହରଭଙ୍ଗା, ଥାନା: ପୁରୁଣାକଟକ (ନଂ - ୮୭), ଜିଲ୍ଲା: ବୌଦ୍ଧ | | | | | | |
| ଏ.ବ୍ୟକ୍ତିଗତ. ଜମି | | | | | | |
| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ |
| | ଖତିୟାନ ନଂ | ପ୍ଲଟ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୧୫ | ୫୯୮ | ୧.୦୩୦ | ୦.୦୮୦ | ଆଟ | ନାଥ ଗଣ୍ଡା ପି-କ୍ଷେତ୍ର ଗଣ୍ଡା ବା: ସ୍ବର୍ଣ୍ଣାଗଣ୍ଡା |
| ୨ | ୨୮ | ୩୨୯ | ୦.୪୨୦ | ୦.୩୫୦ | ଶାରଦ-୧ | ବିଦୁର ପ୍ରଧାନ ପି-କାମପାଳ ପ୍ରଧାନ ବା: ସ୍ବର୍ଣ୍ଣାଗଣ୍ଡା |
| ୩ | | ୫୩୯ | ୧.୧୦୦ | ୦.୦୨୦ | ଆଟ | |
| ମୋଟ | | | ୨.୫୫୦ | ୦.୪୫୦ | | |

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ,ବୌଦ୍ଧ

P.R.No. 14
04/2/20

## ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ,
## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ

ଜ୍ଞାପକ ସଂଖ୍ୟା. 76 (6) ତାରିଖ 04/02/20

ଉକ୍ତ ଘୋଷଣାର ଏକ କିତା ନକଲ ଜିଲ୍ଲାପାଳ, ବୌଦ୍ଧ/ଉପଜିଲ୍ଲାପାଳ, ବୌଦ୍ଧ/ ତହସିଲଦାର, ହରଭଙ୍ଗା / ଜିଲ୍ଲା-ଉପନିବନ୍ଧକ, ବୌଦ୍ଧ /ସରପଂଚ, ଆଡେଣିଗଡ ଗ୍ରାମପଂଚାୟତ ଏବଂ **ସୁର୍ଗାଗଡା** ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଅଧିସୂଚିତ ରକବା ଅପରିବର୍ତ୍ତିତ ।

04.02.2020

ଭୂ ଅର୍ଜନ ମହାମଣ୍ଡଳ ଅଧିକାରୀ,
ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ନୂତନ ଓସାରିଆ
ରେଳପଥ ପ୍ରକଳ୍ପ, ବୌଦ୍ଧ